## ତାଲା ଭାଙ୍ଗି ଲୁଟ୍

ବସ୍ତା,(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ମଥାନୀ ଛକଠାରୁ ଅନତିଦୂରରେ ଥିବା ରଣଜିତ ଧଳଙ୍କ ଘରର ତାଲାଭାଙ୍ଗି ଶନିବାର ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ଆସବାବପତ୍ର ଲୁଟି ନେଇଛନ୍ତି। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସମସ୍ତ ସୁନା ଗହଣା ସହ ନଗଦ ୧୦ ହଜାର ଟଙ୍କା ଓ ଏକ ଏଲ୍ଇଡି ଟିଭି ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ଦରଗଡ଼ିଶିଳାକୁ ମିଳୁନି ପର୍ଯ୍ୟଟନ କେନ୍ଦ୍ର ମାନ୍ୟତା

- ଜିଲାର ପ୍ରଥମ ଜଳ ବିଦ୍ୟୁତ୍ ପ୍ରକଳ୍ପ
- ମନ ମୋହୁଛି ପ୍ରାକୃତିକ ସୌନ୍ଦର୍ଯ୍ୟ

କେନ୍ଦୁଝର,୫।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅଧୀନ କୋଲିମାଟି ପଞ୍ଚାୟତର ସିଂହନାଳୀ ନିକଟରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ଦରଗଡ଼ିଶୀଳା ଅଞ୍ଚଳକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହା ନିକଟରେ ରହିଛି ଜିଲାର ପ୍ରଥମ ଜଳ ବିଦ୍ୟୁତ(ହାଇଡେଲ୍ ପ୍ରୋଜେକ୍ଟ)। ବୈତରଣୀ ନଦୀର ପାଣିକୁ ଟନେଲ ଦ୍ୱାରା ଟରବାଇନରେ ପକାଇ ଏଠାରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ନିର୍ମାଣ କରାଯାଇଥିବା ବ୍ୟାରେଜ୍ ଅନ୍ୟତମ ଆକର୍ଷଣର ପାଲଟିଛି କେନ୍ଦ୍ର ପାଲଟିଛି। ଏହି ଅଞ୍ଚଳର ବିକାଶ ସହ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ମିଳିଲେ ସ୍ଥାନୀୟ ଆଦିବାସୀଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ହୋଇ ପାରିବ ବୋଲି ମତ ପ୍ରକାଶ ପାଉଛି।

ପ୍ରାକୃତିକ ସୌନ୍ଦର୍ଯପୂର୍ଣ୍ଣ ଏହି ସ୍ଥାନଟି ଶାନ୍ତ ପରିବେଶ ମଧ୍ୟରେ ଅବସ୍ଥିତ। ଆନନ୍ଦପୁରରୁ ୨୦ନଂ.ଏନ୍ଏଚ୍‌ରେ ଘଟଗାଁ ଅଭିମୁଖେ ଯିବା ବାଟରେ କୋଲିମାଟି ନିକଟରୁ ପ୍ରାୟ ୧୫ କି.ମି. ଜଙ୍ଗଲାଞ୍ଚଳ ଦେଇ ଗଲେ ଏହି ସ୍ଥାନରେ ପହଞ୍ଚି ହେବ। ବାଟରେ ଯିବା ସମୟରେ ଝୁଲନ୍ତା ପୋଲ ଏବଂ ଉଭୟ ପାର୍ଶ୍ୱର ସବୁଜିମା ବନାନୀ ସମସ୍ତଙ୍କୁ ମନମୁଗ୍ଧ କରିବ। ଆଦିବାସୀ ଅଞ୍ଚଳ ହୋଇଥିବାରୁ ଗାଁର ଅନୁଭୂତି ଏବଂ କ୍ଷେତବାଡ଼ି ଦେଖିବାକୁ ମିଳିବ। ଉକ୍ତ ସ୍ଥାନରେ ପ୍ରବାହିତ ବୈତରଣୀ ନଦୀର ପ୍ରଶସ୍ତ ବକ୍ଷ ଏକ ନିଆରା ପରିବେଶ ସୃଷ୍ଟି କରୁଛି। ଏହା କଡ଼ରେ ଥିବା ଜଙ୍ଗଲ ଓ ପାହାଡ଼ର ଦୃଶ୍ୟ ଅତ୍ୟନ୍ତ ମନୋରମ। ବୈତରଣୀ ନଦୀ ଅଗଭୀର ଥିବାରୁ ଏଥିରେ ଗାଧୋଇବା, ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ବୁଲିବା ଏବଂ ଏହାର କୂଳରେ ଭୋଜିଭାତ କରି ଦିନଟିଏ କାଟିବା ନିଆରା।

ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡଠାରେ ବୈତରଣୀ ନଦୀ ପାହାଡିଆ ବାଟ ଦେଇ ପ୍ରବାହିତ ହୋଇ ସେଠାରୁ ପ୍ରାୟ ୧୦ କିମି ଦୂରରେ ରହିଛି ଦରଗଡ଼ିଶିଳା। ଏହି ସ୍ଥାନରେ ବୋଟିଂ, ରାଫ୍ଟିଂ ଆଦି ବ୍ୟବସ୍ଥା କରାଗଲେ ଏବଂ ଗୋଟିଏ ପାର୍ଶ୍ୱରୁ ଅପର ପାର୍ଶ୍ୱକୁ ଯିବା ପାଇଁ କେବୁଲ କାର ବା ଝୁଲନ୍ତା ପୋଲ ଆଦି ନିର୍ମାଣ କରାଗଲେ ଏହା ଜାତୀୟ ସ୍ତରୀୟ ପର୍ଯ୍ୟଟନ କେନ୍ଦ୍ର ହୋଇ ପାରନ୍ତା ବୋଲି ପର୍ଯ୍ୟଟନ ପ୍ରେମୀମାନେ ମତବ୍ୟକ୍ତ କରୁଛନ୍ତି। ଏଠାରେ ଜଳପତ୍ତନ ଭୀମକୁଣ୍ଡ ଅପେକ୍ଷା କମ୍ ଥିବାରୁ ବିପଦ କମ୍ ରହିଛି। ଏଣୁ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଆସିବେ ଏବଂ ଏହା ସହିତ ନିକଟରେ ଥିବା ଘଟଗାଁ ମା' ତାରିଣୀ ପୀଠ, ଗୁଣ୍ଡିଚାଘାଗୀ ଜଳପ୍ରପାତ, ସୀତାବିଞ୍ଝ ଆଦି ପର୍ଯ୍ୟଟନ କେନ୍ଦ୍ର ବୁଲିବା ସୁଯୋଗ ପାଇବେ ବୋଲି ପ୍ରକୃତି ପ୍ରେମୀ ପ୍ରଦୀପ ରାଉତ କୁହନ୍ତି। ଏହା ଏକ ଭଲ ଟୁରିଷ୍ଟ ସର୍କିଟ ହୋଇ ପାରିବ ବୋଲି ମତ ପ୍ରକାଶ ପାଉଛି। ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି, ଏହି ସ୍ଥାନକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେବା ପାଇଁ ପଦକ୍ଷେପ ନିଆଯାଉଛି।


ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଦରଗଡ଼ିଶିଳା।

## ସଂକ୍ଷେପରେ

### ଜୟସ୍ମିତା ହେଲେ ହିନ୍ଦୀ ଅନର୍ସ ଟପ୍ପର



ଚମ୍ପୁଆ, ୫।୧୨(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଞ୍ଚାୟତର ବାଙ୍କିଆ ଗ୍ରାମର ପିତା ବିରେନ୍ଦ୍ର କୁମାର ପାତ୍ର ଓ ମାତା ମେଘୁନିଙ୍କର ଝିଅ ହେଲେ ଜୟସ୍ମିତା। ନିଜର ଅକ୍ଳାନ୍ତ ପରିଶ୍ରମ ଫଳରେ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ ଅଧୀନରେ ଶିକ୍ଷାବର୍ଷ ୨୦୨୦-୨୧ରେ ହିନ୍ଦି ଅନର୍ସରେ ଟପ୍ପର ହୋଇ ନିଜ ଅଞ୍ଚଳର ସମ୍ମାନ ବଢ଼ାଇଛନ୍ତି। ବଡବିଲ ଯୁକ୍ତ ୩ ମହାବିଦ୍ୟାଳୟରେ ପଢୁଥିବା ଜୟସ୍ମିତାଙ୍କ ଏହି ସଫଳତା ମହାବିଦ୍ୟାଳୟର ଏକ ଅନନ୍ୟ ସଫଳତା ବୋଲି ଅଧାପକ ଅଧାପିକା କହିଛନ୍ତି। ଅତି ସାଧାରଣ ପରିବାରରୁ ସେ ଜନ୍ମ ହୋଇଛନ୍ତି। ସେ ଜଣେ ଶିକ୍ଷୟିତ୍ରୀ ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି। ଘରେ ସବୁବେଳେ ଅର୍ଥ ଅଭାବ ଲାଗିରହିଥିବାବେଳେ ଝିଅକୁ ଅଧିକ ପଢ଼ାଇବା ପାଇଁ ଅର୍ଥ ପ୍ରତିବନ୍ଧକ ହେବ ବୋଲି ତାଙ୍କ ବାପା ବିରେନ୍ଦ୍ର କହିଛନ୍ତି। ପାଠ ପଢ଼ିବା ଲାଗି ପ୍ରଶାସନ ପକ୍ଷରୁ ସହାୟତା ମିଳିଲେ ସେ ଉପକୃତ ହେବେ ବୋଲି କହିଛନ୍ତି।

### ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଗଲା

ସୋର,୫।୧୨(ଡି.ଏନ୍.ଏ): ବାଲେଶ୍ୱର ଜିଲା ସୋର କମରପୁର ହଜାରୀବାବୁ ମିଲ୍ ପରିସର ମହାବୀର କଲୋନୀର ଏକ ଘରେ ରବିବାର ସକାଳେ ସର୍ଟ ଶର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଏହି ଗ୍ରାମରେ ଘର କରି ରହୁଥିବା ଔଷଧ ବ୍ୟବସାୟୀ ସଂଗ୍ରାମ କେଶରୀ ମହାନ୍ତି ତାଙ୍କ ସ୍ତ୍ରୀଙ୍କୁ ନେଇ କଟକ ମେଡ଼ିକାଲକୁ ଯାଇଥିବା ବେଳେ ତାଙ୍କ ଘରେ କେହି ନ ଥିଲେ। ପବନ ବର୍ଷା ହେବା ସମୟରେ ବିଦ୍ୟୁତ୍ ସର୍ଟ ଶର୍କିଟରୁ ଘରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ସୋର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ତାଙ୍କର ଉପର ମହଲାର ୩ ବଖରା ଘରେ ଥିବା ଲକ୍ଷାଧିକ ଟଙ୍କାର ଔଷଧ ସମେତ ସମସ୍ତ ଆସବାବପତ୍ର, ସୁନା ଗହଣା, ୪ ହଳ କାନଫୁଲ ଓ ନଗଦ ୪୦ ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି।

### ସହକାରୀ ଯନ୍ତ୍ରୀ ନିଲମ୍ବିତ

ବାରିପଦା ଅଫିସ,୫।୧୨-ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ବିଭାଗ ହାତରେ ଧରାପଡିଥିବା ବାରିପଦା ଆଇଟିଏର କୋଟିପତି ସହକାରୀଯନ୍ତ୍ରୀ ସନ୍ତୋଷ ଦାସଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ବିଭାଗୀୟ ଚିଠି (ନଂ ୨୩୧୯୯/୨)ଡିସେମ୍ବରରେ ଯନ୍ତ୍ରୀ ଦାସଙ୍କୁ ରାଜ୍ୟ ସରକାର ନଭେମ୍ବର ୨୭ରୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

### ପରିତ୍ୟକ୍ତ ସ୍ଥାନରୁ ନବଜାତକ ଉଦ୍ଧାର

ଯୋଡ଼ା,୫।୧୨(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ପଶ୍ଚିମ ଯୋଡ଼ା ହୁଡ଼ି ସାହି ନିକଟ ଏକ ପରିତ୍ୟକ୍ତ ବୁଦାରୁ ନବଜାତ ଶିଶୁ କନ୍ୟାକୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ରବିବାର ସକାଳ ୬ଟା ବେଳେ ହୁଡ଼ି ସାହି ଓ ଟାଟା କମ୍ପାନୀର ପାଚେରୀ ନିକଟ ଏକ ବୁଦାମୂଳରୁ ଛୁଆର କାନ୍ଦ ଶୁଣି ସ୍ଥାନୀୟ ଅଞ୍ଚଳର ତ୍ରିନାଥ ମହାରଣା ସେଠାକୁ ଯାଇ ଦେଖିଥିଲେ ଯେ, ଏକ ଅଖାରେ ବାନ୍ଧି କେହି ଜଣେ ଶିଶୁକନ୍ୟାକୁ ଫିଙ୍ଗି ଦେଇଛନ୍ତି। ସେଠାରୁ ଶିଶୁକନ୍ୟାଙ୍କୁ ଉଦ୍ଧାର କରି ସେ ପୋଲିସକୁ ଖବର ଦେଇଥିଲେ ଏବଂ ସଙ୍ଗେ ସଙ୍ଗେ ଶିଶୁକନ୍ୟାର ଚିକିତ୍ସା ପାଇଁ କମାରଯୋଡ଼ା ସ୍ଥିତ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ପୋଲିସ ନବଜାତ ଶିଶୁକନ୍ୟାକୁ କେନ୍ଦୁଝରକୁ ପଠାଯାଇଛି। ତେବେ ନବଜାତ ଶିଶୁକନ୍ୟାକୁ ସେଠାରେ କିଏ ଫିଙ୍ଗିଲା ଏ ନେଇ କୌଣସି ସୂଚନା ମିଳି ନାହିଁ।

# ବସ୍ତାରେ ହାତୀ ଉପଦ୍ରବ

ବସ୍ତା,୫।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ନଟାକଟା ପଞ୍ଚାୟତରେ ଶନିବାର ରାତିରେ ହାତୀ ଉପଦ୍ରବ ଯୋଗୁ ବହୁ ଘର ଭାଙ୍ଗିବା ସହ ବ୍ୟାପକ ଫସଲ ଉଜୁଡି ଯାଇଛି। ମୟୂରଭଞ୍ଜ ଜିଲା ଡେଙ୍ଗାଆମ୍ବ ଜଙ୍ଗଲରୁ ୧୬ରୁ ଉର୍ଦ୍ଧ୍ୱ ହାତୀ ଅମର୍ଦ୍ଦାରୋଡ଼ ଷ୍ଟେଶନ ନିକଟସ୍ଥ ରେଳ ଲାଇନ୍ ଡେଇଁ ନଟାକଟାର ନରଣପୁର, ଚାରିଗାଁ, ବଡ଼ଚାରିଗାଁ, ବସନ୍ତପୁର ଗ୍ରାମରେ ପଶିଥିଲେ। ନରଣପୁର ଗ୍ରାମରେ ଆଶୁତୋଷ ରାଉଳ ଓ ରାମହରି ଦାସଙ୍କ ଘର ବାଡ଼ିରେ ପଶି ବ୍ୟାପକ କ୍ଷତି କରିଥିଲେ। ସେହିପରି ବଡ଼ ଚାରି ଗାଁର ଗଙ୍ଗାଧର ଦାସ, ସୃଷ୍ଟିଧର ଦାସ, ଉର୍ବୁ ନାନା ଓ ନିମାଇ ବେହେରାଙ୍କ ପ୍ରାୟ ୨/୩ ଏକର ଧାନ ଫସଲ ନଷ୍ଟ କରିଥିଲେ। ବସନ୍ତପୁର ଗ୍ରାମର ରାସ ବିହାରୀ ଦାସ ଓ ବସନ୍ତ କୁମାର ଦାସଙ୍କ ଖଳାରେ ଥିବା ଧାନ ଖାଇବା ସହ ଘର ଆଜବେଷ୍ଟସ ଭାଙ୍ଗିଥିଲେ। ବାଲେଶ୍ୱର ବନ ବିଭାଗର ସୁଶାନ୍ତ ଜେନାଙ୍କ ନେତୃତ୍ୱରେ ୧୫ଜଣିଆ ଟିମ୍ ଓ ସ୍ଥାନୀୟ ଲୋକେ ମିଶି ହାତୀପଲଙ୍କୁ ଘଉଡାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ହାତୀ ପଲ ସ୍ଥାନୀୟ ବେତନାସିଆ ଜଙ୍ଗଲରେ ଥିବା ସୂଚନା ମିଳିଛି।


ଉପଦ୍ରବ ଚଳାଇଥିବା ହାତୀ।

# ବିଦ୍ୟୁତ୍ ତାର ଛିଣ୍ଡି ଜଳିଗଲା ବାଇକ୍

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ଠାକୁରମୁଣ୍ଡା,୫।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ସାତକୋଶିଆଠାରେ ରବିବାର ସକାଳେ ଏକ ବାଇକ୍ ଉପରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବାଇକ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଦୁଇ ଆରୋହୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ସାତକୋଶିଆଠାରେ ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାକୁ କିଛି ସମୟ ଅବରୋଧ କରି ରଖିଥିଲେ।

ସୂଚନା ଅନୁଯାୟୀ, ସାତକୋଶିଆ ପଞ୍ଚାୟତ ବାଲିଘାଟ ଗ୍ରାମର ଶ୍ରୀରାମ ନାଏକ ତାଙ୍କ ସାଙ୍ଗ ସହ ବାଇକ୍‌ରେ ସାତକୋଶିଆ ଡାକ୍ତରଖାନାକୁ ଆସୁଥିଲେ। ସକାଳ ପ୍ରାୟ ସାଢ଼େ ୮ଟା ବେଳେ ମେଡିକାଲ ନିକଟରେ ରାସ୍ତା ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ହଠାତ୍ ବାଇକ୍ ଉପରେ ଛିଣ୍ଡି ପଡ଼ିଥିଲା। ଠାକୁରମୁଣ୍ଡା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମେଡିକାଲ ଛକ ନିକଟରେ ରାସ୍ତାରୋକୋ କରିଥିଲେ। ଖବରପାଇ ମହୁଲଡିହା ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।


ନିଆଁ ଲାଗି ଜଳୁଥିବା ବାଇକ୍।

## ଅଟୋରୁ ଦେଶୀମଦ ଜବତ

ଭଦ୍ରକ ଅଫିସ, ୫।୧୨

ଭଦ୍ରକ ଜିଲା ଅବକାରୀ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗ୍ରାମାଞ୍ଚଳ ଥାନା ଅଧୀନ ଜହତା ଗ୍ରାମ ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଯାତ୍ରୀବାହୀ ଅଟୋରୁ ୪ଶହ ଲିଟର ଦେଶୀ ରନ୍ଧାମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଜହତା ଗ୍ରାମର ପ୍ରଭାତ କୁମାର ଶିଅଳଙ୍କୁ ଗିରଫ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା (ନଂ.୧୦୮/୨୧) ରୁଜୁ ହୋଇଛି।

## ପୁତୁରା ଠେଙ୍ଗା ମାଡ଼ରେ ଗୁରୁତର କକାଙ୍କ ମୃତ୍ୟୁ

ପାଟଣା, ୫।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ମଲାରପଦା ଗ୍ରାମରେ ପୁତୁରା ଠେଙ୍ଗା ମାଡ଼ରେ ଗୁରୁତର କକାଙ୍କ ଚିକିତ୍ସାଧୀନ ଅବସ୍ଥାରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ବନମାଳି ମହାନ୍ତ(୮୦)। ପୋଲିସ ସୂଚନା ଅନୁଯାୟୀ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ନଭେମ୍ବର ୨୮ ତାରିଖରେ ଉଭୟ କକା ଓ ପୁତୁରାଙ୍କ ମଧ୍ୟରେ ବଚସା ହେବା ପରେ ପୁତୁରା ଆନନ୍ଦ ଉତ୍କ୍ଷିପ୍ତ ହୋଇ ଏକ ଠେଙ୍ଗାରେ କକା ବନମାଳିଙ୍କୁ ଆକ୍ରମଣ କରିଥିଲେ। ଫଳରେ ବନମାଳୀ ତଳେ ପଡି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ତୁରୁମୁଙ୍ଗା ପୋଲିସ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଅଭିଯୁକ୍ତ ଆନନ୍ଦଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛି। ଏନେଇ ଏକ ମାମଲା (ନଂ.୧୩୯/୨୧) ରୁଜୁ ହୋଇଛି। ସୋମବାର ଆନନ୍ଦଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ମଦନ ମୋହନ ନାଏକ କହିଛନ୍ତି।

# ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ

ଭଣ୍ଡାରିପୋଖରୀ, ୫।୧୨ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଭଣ୍ଡାରିପୋଖରୀ ଶାଖାର ୧୮ତମ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପୁରୁଷୋତ୍ତମ ଧଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଜାତୀୟ ପୁରସ୍କୃତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ ଏବଂ ଅନ୍ୟତମ ଅତିଥି ଭାବେ ଜିଲା ସମ୍ପାଦକ ଉପେନ୍ଦ୍ର ବିଶ୍ୱାଳ, ଶିକ୍ଷକ ଦର୍ପଣର ସହ ସମ୍ପାଦକ ଅଶୋକ ରାଉତ, ବନ୍ତ ମଣ୍ଡଳ ସମ୍ପାଦକ ପ୍ରଣୟ ସିଂହ, ଧାମନଗର ମଣ୍ଡଳ ସମ୍ପାଦକ ମନୋଜ ସିଂ, ରୋହିତ ଜେନା ପ୍ରମୁଖ ଯୋଗଦେଇ ସଂଘୀୟ ସମ୍ବିଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଭଣ୍ଡାରିପୋଖରୀ ମଣ୍ଡଳ କାର୍ଯ୍ୟକାରିଣୀ କମିଟି ସଭାପତି କାଶୀନାଥ ପତି, ଉପସଭାପତି ଗୋବିନ୍ଦ ବେହେରା, ସମ୍ପାଦକ ସୁନୀଲ ନାୟକ, ଯୁଗ୍ମ ସମ୍ପାଦକ ବନ ବିହାରୀ ମହାନ୍ତି, କୋଷାଧ୍ୟକ୍ଷ ଖଗେଶ୍ୱର ସୁତାର, ସହ ସମ୍ପାଦକ କେଶବ ପହି ଓ ଉଦୟ ରାଉତ ଏବଂ ଉପଦେଷ୍ଟା ଭାବେ ପୁରୁଷୋତ୍ତମ ଧଳଙ୍କୁ ମନୋନୀତ କରାଯାଇଛି। ଘନଶ୍ୟାମ ସ୍ୱାଇଁ ଓ ଉପେନ୍ଦ୍ର ବିଶ୍ୱାଳ ନିର୍ବାଚନ ପରିଚାଳନା କରିଥିଲେ। ମନୋରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

# ଦିବ୍ୟାଙ୍ଗଙ୍କ ଲାଗି ଶୈକ୍ଷିକ କର୍ମଶାଳା

## 'ମାନବ କଙ୍କାଳ ଓ ପ୍ରସ୍ତର ଯୁଗୀୟ ହାତ ହତିଆର ଉପକରଣ ସହିତ ପରିଚୟ'


କର୍ମଶାଳାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମାନବ କଙ୍କାଳ ସମ୍ପର୍କରେ ସୂଚନା ଦିଆଯାଉଛି।

ବାଲେଶ୍ୱର ଅଫିସ,୫।୧୨

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଦୃଷ୍ଟିବାଧିତ ଦିବ୍ୟାଙ୍ଗଙ୍କ ପାଇଁ ଏକଦିବସୀୟ ଶୈକ୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ନୃତତ୍ତ୍ୱ ବିଭାଗ, ସେଣ୍ଟର ଫର ୟୁଥ ଆଣ୍ଡ ସୋସିଆଲ ୱେଲଫେୟାର ଏବଂ ବାଲେଶ୍ୱରସ୍ଥିତ ଦୃଷ୍ଟିହୀନ ଆବାସିକ ବିଦ୍ୟାଳୟ ଦି ୱେଲଫେୟାର ମିଳିତ ଭାବେ ଆୟୋଜନ କରିଥିଲେ। ଏହା କର୍ମଶାଳାର ବିଷୟ ଥିଲା 'ମାନବ କଙ୍କାଳ ଓ ପ୍ରସ୍ତର ଯୁଗୀୟ ହାତ ହତିଆର ଉପକରଣ ସହିତ ପରିଚୟ'। ଏଥିରେ ୧୯ଜଣ ଦୃଷ୍ଟିହୀନ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗଦେଇଥିଲେ।

କର୍ମଶାଳାରେ ଯୋଗଦେଇ ମହାବିଦ୍ୟାଳୟର ଅଧକ୍ଷା ଡ. ସଙ୍ଗୀତା ସାହୁ ପାରା ଅଲମ୍ପିକରେ ଭାରତର କୀର୍ତ୍ତିମାନ ଉପରେ ଆଲୋକପାତ କରି ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଛାତ୍ରୀଛାତ୍ରୀଙ୍କୁ ସମାନ ସୁଯୋଗ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ନୃତତ୍ତ୍ୱ ବିଭାଗର ମୁଖ୍ୟ ରୁଚି ମହାପାତ୍ର ଏହି ଶିକ୍ଷଣୀୟ କର୍ମଶାଳାକୁ ପ୍ରଶଂସା କରି ଏହାକୁ ବାରମ୍ବାର ଆୟୋଜନ କରାଯିବା ଉଚିତ୍ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ମଶାଳାର ସଂଯୋଜକ ତଥା ସହଯୋଗୀ ପ୍ରଫେସର ପ୍ରଶାନ୍ତ କୁମାର ସାହୁ, ସିୱାଇଏସ୍‌ଡବ୍ଲ୍ୟୁର ସାଧାରଣ ସମ୍ପାଦକ ନିତୁରଞ୍ଜନ ଦାଶ ଯୋଗଦେଇଥିଲେ।

ଅଂଶଗ୍ରହଣକାରୀ ତଥା ଜଣେ ଦୃଷ୍ଟି ବାଧିତ ଛାତ୍ର ଦେବଦତ୍ତ ଏହି ସମାବେଶୀ କର୍ମଶାଳାରେ ଭାଗ ନେଇ ନିଜର ଆନନ୍ଦ ବ୍ୟକ୍ତ କରିଥିଲେ।

# ବିଜୟ ସାଧାରଣ ସମ୍ପାଦକ, ଅମିତାଭ କୋଷାଧ୍ୟକ୍ଷ

## ମୟୂରଭଞ୍ଜ ଆଥ୍‌ଲେଟିକ୍ସ ଆସୋସିଏଶନ ନିର୍ବାଚନ

ବାରିପଦା ଅଫିସ,୫।୧୨

ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ନିର୍ବାଚନ ରବିବାର ଶେଷ ହୋଇଛି।ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ଦାସ ବିଜୟୀ ହୋଇଛନ୍ତି । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ପ୍ରାକ୍ତନ ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳଙ୍କୁ ୪୭ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତ। ବିଜୟ ୨୬୯ଖଣ୍ଡ ଭୋଟ ପାଇଥିବା ବେଳେ କିଶୋର ୨୨୨ଖଣ୍ଡ ଭୋଟ ପାଇଥିଲେ। ଏହି ଆସନ ପାଇଁ ଅନ୍ୟତମ ପ୍ରତିଦ୍ୱନ୍ଦୀ ଲୋହିତ ଦାସ ମାତ୍ର ୨୭ଖଣ୍ଡ ପାଇଛନ୍ତି। ୨ଟି ଭୋଟ ନାକଚ ହୋଇଥିଲା ।

ଅପରପକ୍ଷରେ ଆସୋସିଏସନର କୋଷାଧ୍ୟକ୍ଷ ଓ କାଉନସିଲ ସଦସ୍ୟ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା କୋଷାଧ୍ୟକ୍ଷ ଭାବେ ଅମ୍ବିକା ଦାସ ୩୧୦ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦୀ ସ୍ୱର୍ଗତ ପ୍ରବୀର ବିଶ୍ୱାସ ୨୧୭ଖଣ୍ଡ ପାଇଥିଲେ। ସେହିପରି ୯ଜଣ କାଉନସିଲ ସଦସ୍ୟ ଭାବରେ ଅମ୍ବିକା ରାଉତ ସର୍ବାଧିକ ୨୮୭ଖଣ୍ଡ, ପ୍ରସନ୍ନଜିତ ମହାନ୍ତି ୨୮୪, ସଞ୍ଜୀବ କୁମାର ମହାନ୍ତି ୨୬୫, ଅମର ସେଠୀ ୨୪୪, ସୌରଭ ପଟ୍ଟନାୟକ ୨୪୦, ଅଶୋକ ପଟ୍ଟନାୟକ ୨୩୩, ହରପ୍ରସାଦ ପାତ୍ର ୨୩୩, ଗୌରୀଶଙ୍କର ସିହ୍ନା ୨୨୮ ଓ ବୈଦନାଥ ରଥ ୨୨୫ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ୨୦୧୭ରେ ନିର୍ବାଚିତ ଆସୋସିଏଶନର କର୍ମକର୍ତ୍ତାଙ୍କ କାର୍ଯ୍ୟାଳୟ ପୂରିବା ପରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକର ନିଷ୍ପତ୍ତି ଅନୁଯାୟୀ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ମୋଟ ୫୯୩ ସଦସ୍ୟଙ୍କ ମଧ୍ୟରୁ ୫୨୦ଜଣ ନିଜର ମତଦାନ ସାବ୍ୟସ୍ତ କରିଥିଲେ। ସୂଚନା ଥାଉ କି, ମୟୂରଭଞ୍ଜ ଜିଲାପାଳ ଆଥଲେଟିକ ଆସୋସିଏଶନର ସଭାପତି ଥିବା ବେଳେ ଏସ୍‌ପି ଉପସଭାପତି ଅଛନ୍ତି। ନିର୍ବାଚିତ ସାଧାରଣ ସମ୍ପାଦକ ୨ଜଣଙ୍କୁ ଉପସଭାପତି ଭାବେ ମନୋନୀତ କରିଥାନ୍ତି । ତେବେ ସମସ୍ତ ପଦ ପଦବୀ ଥିଲେ ହେଁ ଆସୋସିଏସନର ସାଧାରଣ ସମ୍ପାଦକ ପଦ ଉପରେ ସମସ୍ତଙ୍କ ଦୃଷ୍ଟି ରହିଥାଏ। ନିର୍ବାଚନ ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି ନିର୍ବାଚନ ପରିଚାଳନା କରିଥିଲେ।

# ଗୋଡ଼ିଖାଣିଆ ଗାଁରେ ରନ୍ଧାଖାଦ୍ୟ ବଣ୍ଟନ

ସଜନାଗଡ଼,୫।୧୨(ଡି.ଏନ.ଏ.)

ବାତ୍ୟା 'ଜୱାଦ' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ଅସୁବିଧାରେ ଥିବା ନୀଳଗିରି ଏନ୍ଏସି ଅଧୀନ ୮ନଂ. ୱାର୍ଡ଼ର ଗୋଡ଼ିଖାଣିଆ ଗ୍ରାମର ଅସହାୟ ଲୋକଙ୍କୁ ରବିବାର ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଗୋପୀନାଥପୁର ଅଞ୍ଚଳର ମହାବୀର ଫାଉଣ୍ଡେସନର ପ୍ରତିଷ୍ଠାତା ମଣ୍ଟୁ ବାରିକଙ୍କ ନେତୃତ୍ୱରେ ଏହି ସେବା ଯୋଗାଇ ଦିଆଯାଇଛି। ଫାଉଣ୍ଡେଶନର ଉପଦେଷ୍ଟା ଗଙ୍ଗାଧର ବାରିକ, ପ୍ରତିଷ୍ଠାତା ବିଦ୍ୟାଧର ବାରିକ, ସଭାପତି ବିଶ୍ୱସୁନ୍ଦର ବାରିକ, ସମ୍ପାଦକ ସରୋଜ କୁମାର ବାରିକ, ସୁଦର୍ଶନ ପାତ୍ର, ଶୁଭକାନ୍ତ ଘଡେଇ, ନାରାୟଣ ନାୟକ, ମାନସ କୁମାର ରାଉତ, ପ୍ରଦୀପ କୁମାର ମଲ୍ଲିକ, ସୁମନ୍ତ ମଲ୍ଲିକ, ବିଶ୍ୱଜିତ ମଲ୍ଲିକ, ପ୍ରମୋଜ୍ୟୋତି ବେହେରା, ରମେଶ ଚନ୍ଦ୍ର ଦାସ, ଶକ୍ତି ସୌରଭ ବାରିକ, ଜ୍ୟୋତିପ୍ରକାଶ ବାରିକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।


ରନ୍ଧାଖାଦ୍ୟ ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା ଲୋକେ।

# ଚାଷୀଙ୍କୁ ସହାୟତା ଦିଆଯାଉ

ସୋର,୫।୧୨(ଡି.ଏନ୍.ଏ)

'ଜୱାଦ' ପ୍ରଭାବରେ ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ଦହିସଡ଼ା, ମୁଳିସିଂ, ମାଣତ୍ରୀ, ମହୁମୁହାଣ, କେଶରୀପୁର, ଗୋପୀନାଥପୁର, ଶିଙ୍ଗାଖୁଣ୍ଟା, ମାଣିପୁର, ନିଶ୍ଚିନ୍ତପୁର, ସରଶଙ୍ଖ, ନଦୀଗାଁ ମଧୁସୂଦନପୁର ସମେତ ପୌର ପରିଷଦ ଅଞ୍ଚଳର ଅଧିକାଂଶ ଚାଷଜମିରେ ପାଣି ଜମି ରହିଛି। ଏହି ସବୁ ଗ୍ରାମରେ ଅଧିକାଂଶ ଧାନ କଟା ହୋଇ ବିଲରେ ପଡ଼ିଥିବା ବେଳେ କିଛି ଚାଷୀ ଏହାକୁ ସୁରକ୍ଷା ଦେବା ପାଇଁ ପୁଞ୍ଜିମାଡ଼ି ପଲିଥିନ୍ ଘୋଡେଇଥିବା ବେଳେ ପବନରେ ଏହା ନଷ୍ଟ ହୋଇଯାଇଛି। ଅନ୍ୟ କେତେକ ସ୍ଥାନରେ ପାଚି ନ ଥିବା ଧାନ ଗଛ ଗୁଡ଼ିକ ଶୋଇଯିବା ଫଳରେ ତାହା ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। କୃଷି ବିଭାଗ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ୪ ମାସ ହେଲା ଏଟିଏମ୍‌ରେ ତାଲା

## ଗ୍ରାହକ ହଇରାଣ

ଢେଙ୍କିକୋଟ,୫।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଏକ ବ୍ୟସ୍ତ ବହୁଳ ବଜାର ଭାବେ ପରିଚିତ। ଏଠାରେ ଛୋଟ ବଡ଼ ୫୦ରୁ ଉର୍ଦ୍ଧ୍ୱ ବ୍ୟବସାୟିକ ଦୋକାନ ଥିବାବେଳେ ଏହି ବଜାର ଉପରେ ଘଟଗାଁ ବ୍ଲକ ଏବଂ ପାଟଣା ବ୍ଲକର ୨୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଜନସାଧାରଣ ନିର୍ଭର କରି ଚଳିଥାନ୍ତି। ଏଠାରେ ଜିଲାର ଅଗ୍ରଣୀ ବ୍ୟାଙ୍କ ଭାବେ ପରିଚିତ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ଏବଂ ୟୁନିୟନ ବ୍ୟାଙ୍କ ଶାଖା ବ୍ୟବସାୟୀ ତଥା ଜଣସାଧାରଣଙ୍କ ନେଣଦେଣ ନିମନ୍ତେ ରହିଥିଲେ ମଧ୍ୟ ଦୁଇ ବ୍ୟାଙ୍କ ଶାଖାରେ ସକାଳ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଲମ୍ବା ଧାଡି ଲାଗିରହୁଥିବାରୁ ବ୍ୟବସାୟୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଣେ ଦୀର୍ଘ ୪ ମାସରୁ ଉର୍ଦ୍ଧ୍ୱ ହେବ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ସଂଲଗ୍ନ ଏଟିଏମଟି ଅଚଳ ହୋଇ ବନ୍ଦ ହୋଇ ରହିଥିବାରୁ ଲୋକେ ବହୁ ହଇରାଣ ହେଉଛନ୍ତି। ଏନେଇ ଏଠାକାର ବଣିକ ସଂଘର ସଭାପତି ରାଜକିଶୋର ସାହୁ ସମ୍ପାଦକ ଲଲାଟେନ୍ଦୁ ସାହୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଏ ସମ୍ପର୍କରେ ଶାଖା ପରିଚାଳକ ଘନଶ୍ୟାମ ଜେନା କହିଛନ୍ତି, ମେଶିନ ଭିତରେ କେହି ଲୁହା ରଡ୍ ଭର୍ତ୍ତି କରିଦେଇଥିବାରୁ ଯନ୍ତ୍ରାଂଶ ନଷ୍ଟ ହୋଇଯାଇଛି। ଏହା ଜାପାନର ମେଶିନ, ନୂଆ ଯନ୍ତ୍ରାଂଶ ଅର୍ଡର କରାଯାଇଛି ଏବଂ ଅଭିଯୋଗ ମଧ୍ୟ କରାଯାଇଛି। ୧୦ରୁ ୧୫ ଦିନ ମଧ୍ୟରେ ମରାମତି ହୋଇଯିବ।


ବନ୍ଦ ଥିବା ଏଟିଏମ୍ କାଉଣ୍ଟର।

# ଫସଲ ବଞ୍ଚାଇବା ଚିନ୍ତାରେ ଚାଷୀ

**ବାଲେଶ୍ୱର ଅଫିସ/ ଭୋଗରାଇ,୫ା୧୨(ଡି.ଏନ.ଏ)**

ବାତ୍ୟା 'ଜୱାଦ' ପ୍ରଭାବରେ ବାଲେଶ୍ୱର ଜିଲାରେ ଦୁଇଦିନ ହେଲା ବର୍ଷା ଲାଗି ରହିଛି। ଶନିବାର ଦିନତମାମ୍ ଝିପି ଝିପି ବର୍ଷା ହେବା କାରଣରୁ ରବିବାର ସକାଳ ୮ଟା ସୁଦ୍ଧା ଜିଲାରେ ହାରାହାରି ୨୪ ମି.ମି. ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ନୀଳଗିରିରେ ସର୍ବାଧିକ ୨୫ମି.ମି. ଓ ଔପଦାରେ ସର୍ବନିମ୍ନ ୬ ମି.ମି. ବର୍ଷା ହୋଇଛି। ଅମାବାସ୍ୟା ତିଥି ଥିବାରୁ ସମୁଦ୍ରକୁ ପାଣି ନ ଯିବା କାରଣରୁ ଅଧିକ ଦିନ କ୍ଷେତରେ ପାଣି ଜମିରହିବା ଆଶଙ୍କା କରୁଛନ୍ତି ଚାଷୀ। ହଜାର ହଜାର ଏକର ଜମିରେ ଧାନ ସହ ପନିପରିବା କ୍ଷେତରେ ପାଣି ଜମି ରହିଛି। ଫସଲକୁ କିଭଳି ବଞ୍ଚାଇ ହେବ ସେନେଇ ଚାଷୀମାନେ ଚିନ୍ତାରେ ରହି ଜୋରଦାର ଉଦ୍ୟମ ଚଳାଇଛନ୍ତି।

କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ ଚଳିତବର୍ଷ ଜିଲାରେ ୧ଲକ୍ଷ ୯୬ହଜାର ୫୧୯ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ଧାନ ଅମଳ ପରେ ବିକ୍ରି କରିବା ପାଇଁ ଅନଲାଇନ୍‌ରେ ୯୪ହଜାର ୧୯୧ଜଣ



ଧାନ କ୍ଷେତରେ ଜମି ରହିଥିବା ବର୍ଷା ପାଣି।

ଚାଷୀ ପଞ୍ଜୀକୃତ କରିଛନ୍ତି। ସେଥିମଧ୍ୟରେ ବାହାନଗା ବ୍ଲକର ୭,୩୫୪ ଚାଷୀ, ବାଲିଆପାଳ ୮୦୧୯, ବସ୍ତା ୭,୬୮୦, ଭୋଗରାଇ ୧୨,୦୬୪, ଜଳେଶ୍ୱର ୭,୭୧୫, ଖଇରା ୧୦,୯୫୬, ନୀଳଗିରି ୪,୦୩୯, ଔପଦା ୫,୯୬୮, ରେମୁଣା ୬,୬୫୦, ସଦର ୯,୨୪୪, ସିମୁଳିଆ ୮,୬୦୯, ସୋର ବ୍ଲକର ୫,୮୯୩ ଜଣ ଚାଷୀ ରହିଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ଜିଲାର କେତୋଟି ସ୍ଥାନରେ ମଣ୍ଡି ମଧ୍ୟ ଖୋଲାଯାଇଛି। ଚାଷୀମାନେ ବିଲରୁ ହାର୍ବେଷ୍ଟର ଦ୍ୱାରା ସିଧାସଳଖ ଧାନ ଅମଳ କରି ମଣ୍ଡିରେ ଦେବା ପାଇଁ ଯେଉଁ ଆଶା ବାନ୍ଧିଥିଲେ ବର୍ଷା ଯୋଗୁ ଏହା ସମ୍ଭବ ହୋଇପାରିନାହିଁ। ବାତ୍ୟା ପ୍ରଭାବରୁ ଧାନ ସହ ଅନ୍ୟାନ୍ୟ ଫସଲକୁ ବଞ୍ଚାଇବା ପାଇଁ ଚାଷ ଜମିରେ ନାଳି କରି ପାଣି ନିଷ୍କାସନ କରିବା ପାଇଁ କୃଷି ବିଭାଗ ତରଫରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି ବୋଲି ଜିଲା କୃଷି ନିର୍ଦ୍ଦେଶକ ନିକୁଞ୍ଜ କିଶୋର ରାଉତ ପ୍ରକାଶ କରିଛନ୍ତି।

ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ 'ଜୱାଦ' ଶକ୍ତି ହରାଇ ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହୋଇଛି। ଏହି ବାତ୍ୟା ଧୀରେ ଧୀରେ ରବିବାର ରାତ୍ରି ସୁଦ୍ଧା ଓଡ଼ିଶା ଉପକୂଳ ଅତିକ୍ରମ କରିଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଏହାର ପ୍ରଭାବରେ ଶୁକ୍ରବାର ମଧ୍ୟରାତ୍ରିରୁ ରବିବାର ରାତି ପର୍ଯ୍ୟନ୍ତ ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳରେ ଅବିଶ୍ରାନ୍ତ ଝିପିଝିପି ବର୍ଷା ଲାଗି ରହିଥିଲା। ୩ ଦିନ ଧରି ଆକାଶ ମେଘାଚ୍ଛନ୍ନ ଥିବାବେଳେ ପାଗ କୋହଲା ରହିଛି। ଅମାବାସ୍ୟା ତିଥିରେ ସମୁଦ୍ର ଅଶାନ୍ତ ରହିଥିବା ବେଳେ ଉତ୍ତାଳ ଢେଉ କୂଳ ଆଡ଼କୁ ମାଡ଼ି ଆସି ଅଞ୍ଚଳବାସୀଙ୍କୁ ଭୟଭୀତ କରୁଛି। ତୁହାକୁ ତୁହା ବିକ୍ଷିପ୍ତ ବର୍ଷା ଲାଗି ରହିଥିବା ବେଳେ ଶୀତର ପ୍ରକୋପ ଅନୁଭୂତ ହୋଇଛି। ଏଭଳି ସ୍ଥିତିରେ ଜନଜୀବନ ପ୍ରଭାବିତ ହୋଇ ଥିବା ବେଳେ ପାଚିଲା ଧାନ ଜମିରେ ପାଣି ଜମି ରହିଛି। ଫଳରେ ଫସଲ ନଷ୍ଟ ହେବାର ଆଶଙ୍କାରେ ଚାଷୀକୂଳ ଚିନ୍ତିତ ହୋଇ ପଡ଼ିଛନ୍ତି।



ଭଦ୍ରକ ଜିଲାରେ ପାଣିରେ ଶୋଇପଡ଼ିଥିବା ଧାନଗଛକୁ ଠିଆ କରିବା ପାଇଁ ଚେଷ୍ଟା କରୁଛନ୍ତି ଚାଷୀ।

## ବର୍ଷାରେ ବ୍ୟାପକ ଫସଲ କ୍ଷତି

**କେନ୍ଦୁଝର, ୫ା୧୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଜୱାଦ ବାତ୍ୟାର ପ୍ରଭାବରେ କୋହଲା ପାଗ ସାଙ୍ଗକୁ ସାମାନ୍ୟ ବର୍ଷା ହୋଇଛି। ଜିଲାରେ ସେଭଳି କୌଣସି କ୍ଷୟକ୍ଷତି ଘଟି ନାହିଁ। କିନ୍ତୁ ବ୍ୟାପକ ଫସଲ ପ୍ରଭାବିତ ହୋଇଛି। ତେବେ ବର୍ଷା ଯୋଗୁ ଧାନ କାଟି ବିଲରେ ରଖିଥିବା ଅନେକ ଚାଷୀ ବିଭିନ୍ନ କାରଣରୁ ସୁରକ୍ଷିତ ସ୍ଥାନକୁ ଆଣି ପାରି ନ ଥିବାରୁ ଫସଲ କ୍ଷତିଗ୍ରସ୍ତ ହୋଇଛି। ପୂର୍ବରୁ ଏନେଇ କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲେ ହେଁ ଅନେକ ଚାଷୀ ଲୋକ ଅଭାବରୁ ଧାନ ଘରକୁ ଆଣିପାରିନାହାନ୍ତି ଏବଂ ଅର୍ଥାଭାବରୁ ଘୋଡାଇବା ବ୍ୟବସ୍ଥା କରିପାରିନାହାନ୍ତି। ଏଣୁ ପ୍ରଶାସନ ପକ୍ଷରୁ ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀ ମାନେ ନିବେଦନ କରିଛନ୍ତି। ଏହା ଛଡା କୋହଲା ପାଗ ଯୋଗୁ ଶୀତର ପ୍ରକୋପ ଲାଗି ରହିଛି। ପ୍ରକାଶ ଯେ, ଗତ ଶନିବାର ଜିଲାରେ ସମୁଦାୟ ୬୭.୭ ମିମି ବର୍ଷା ରେକର୍ଡ ହୋଇଛି। ସର୍ବାଧିକ ହରିଚନ୍ଦନପୁର ବ୍ଲକରେ ୧୩.୬ ମିମି ବର୍ଷା ହୋଇଥିବା ବେଳେ, ତେଲକୋଇ ବ୍ୟତୀତ ଅନ୍ୟ ସବୁ ୧୩ଟି ବ୍ଲକରେ ବର୍ଷା ରେକର୍ଡ ହୋଇଛି।

## ବାଇକ୍ ଧକ୍କାରେ ଯୁବକ ମୃତ

**ବିଶୋଇ,୫ା୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ବବେଇଜଡ଼ା ଛକଠାରେ ଏକ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଭାତଛତ୍ର ଗ୍ରାମର ଚନ୍ଦ୍ରଭାନୁ ଗିରି। ଶନିବାର ରାତିରେ ଚନ୍ଦ୍ରଭାନୁ ସାରସକଣା ହାଟରୁ ବଳଦ ନେଇ ଗ୍ରାମକୁ ଫେରୁଥିବା ବେଳେ ବବେଇଜଡ଼ା ଛକ ନିକଟରେ ବାଇକ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଚନ୍ଦ୍ରଭାନୁ ଗୁରୁତର ହୋଇଥିବା ବେଳେ ବାଇକ୍ ଚାଳକ କେନ୍ଦୁମରା ଗ୍ରାମର ନିଗମ କଳ୍ପତରୁ ଦାସ ମଧ୍ୟ ଗାଡ଼ିରୁ ଖସି ଆହତ ହୋଇଥିଲେ। ଉଭୟଙ୍କୁ ବିଶୋଇ ପ୍ରାଥମିକ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଚନ୍ଦ୍ରଭାନୁଙ୍କୁ ମୃତ ଘୋଷଣା କରିଥିଲେ।

## ୬୩ ୟୁନିଟ ରକ୍ତ ସଂଗ୍ରହ

**ସଜନାଗଡ଼,୫ା୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ କସବା ଜୟପୁର ପଞ୍ଚାୟତର ଅଳସୁଆଠାରେ ମା' ତାରିଣୀ ୟୁଥ କ୍ଲବ ପକ୍ଷରୁ ରବିବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ସବ୍ୟସାଚୀ ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୬୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉପସଭାପତି ରଞ୍ଜିତ ନାୟକ, ସମ୍ପାଦକ ଖଗେଶ୍ୱର ବେହେରାଙ୍କ ସହିତ ସଦସ୍ୟ ଦେବାଶିଷ ନାୟକ, କୃପାକର ସ, ଲକ୍ଷ୍ମୀପ୍ରିୟା ନାୟକ, ଆକାଶ ସ, ଜୀବନ ମହାନ୍ତି, ଲକ୍ଷ୍ମୀଧର ସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ଯୋଗଦେଇଥିବା ରକ୍ତଦାତା ଓ ଅତିଥି।

## ଓଡ଼ିଆ ଭାଷା ସାହିତ୍ୟ ଉପରେ ପାଠଚକ୍ର

**କେନ୍ଦୁଝର, ୫ା୧୨ (ସ୍ୱ.ପ୍ର./ଡି.ଏନ.ଏ.)**

ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଏକ ପାଠଚକ୍ର ଅଧକ୍ଷ ଡକ୍ଟର ପ୍ରଭାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଆଲୋଚନା ଶୀର୍ଷକ 'ସାଂପ୍ରତିକ ଓଡ଼ିଆ କଥା ସାହିତ୍ୟର ଦୃଷ୍ଟି ଦର୍ଶନ' ଓ ଦ୍ୱିତୀୟ ଅଧିବେଶନରେ 'ସାମ୍ପ୍ରତିକ ଓଡିଆ କବିତାର ଭାବପକ୍ଷ' ରହିଥିଲା। ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିମ୍ବାଧର ବେହେରା, ମୁଖ୍ୟବକ୍ତା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ ପରିସରର ଓଡିଆ ଓ ଭାଷା ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡକ୍ଟର ବବ୍ରୁ ବାହନ ମହାପାତ୍ର ଯୋଗଦେଇ ଆଲୋଚନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଜଗତ ବନ୍ଧୁ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଓଡିଆ ଓ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ସହକାରୀ ପ୍ରାଧ୍ୟାପକ ସୁଧାକର ଦାଶ ଆଲୋଚନାରେ ଭାଗ ନେଇଥିଲେ। ମହାବିଦ୍ୟାଳୟର ଓଡିଆ ବିଭାଗର ମୁଖ୍ୟ ଡକ୍ଟର ଧର୍ମବୀର ମୋହନ ସିଂ ମଞ୍ଜ ପରିଚାଳନା କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପାଟଣା,୫ା୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡା ବ୍ଲକ ଧାନବେଣୀ ପ୍ରାଥମିକ ବିଦ୍ୟାଳୟର ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ଶୁକାନ୍ତ କୁମାର ମହାନ୍ତଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷକ ଗୌରହରି ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସାହାରପଡା ବିଇଓ ଆର୍ତ୍ତତ୍ରାଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଏବିଇଓ ଦୟାନିଧି ପାତ୍ର, ସମ୍ମାନିତ ଅତିଥି ଏବିଇଓ ଭାରତୀ ରାମ, ସାହାରପଡା ବ୍ଲକ ଶିକ୍ଷକ ସଂଘ ସଭାପତି କଳାକାର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ବେଆଇନ ଗ୍ୟାସ ଗୋଡାଉନକୁ ନେଇ ଅଭିଯୋଗ

ପାଟଣା,୫ା୧୨(ସ୍ୱ .ପ୍ର.):କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସାଁରାପଶି ଗ୍ରାମରେ ଜଣେ ବ୍ୟକ୍ତି ସମସ୍ତ ଆଇନ କାନୁନ୍‌କୁ ଉଲ୍ଲଘଂନ କରି ଗ୍ୟାସ ସିଲଣ୍ଡର ଗୋଦାମ କରିବା ସହ ତାଙ୍କ ସ୍ୱୀକୃତି ପ୍ରାପ୍ତ ଅଞ୍ଚଳରେ ଅନଧିକାର ଭାବେ ଗ୍ୟାସ ବିତରଣ ଓ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଛି। ପାଟଣାର ରାଧା ମୋହନ ମହାନ୍ତ ଜିଲାପାଳ ଆଶିଷ ଠାକରେ, ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ଓ ଜିଲା ଯୋଗାଣ ଅଧିକାରୀ ହାଡିବନ୍ଧୁ ସେଠୀଙ୍କୁ ଉକ୍ତ ଅଭିଯୋଗ ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ, ସୁନାମୁଖୀ ଇଣ୍ଡେନ ଗ୍ୟାସ ବିତରକ ପାଟଣା ବ୍ଲକ ଅଞ୍ଚଳ ପାଇଁ ଗ୍ୟାସ ଯୋଗାଇବାକୁ ଅଧିକୃତ ହୋଇଥିଲେ ହେଁ କେନ୍ଦ୍ର ସରକାରଙ୍କ ପେସୋ ଲାଇସେନ୍ସ, ଫାୟାର ଡିଜି ସାର୍ଟିଫିକେଟ, କମ୍ପାନୀ ଲାଇସେନ୍ସ ଓ ଇନ୍ସୁରାନ୍ସକୁ ଉଲ୍ଲଂଘନ କରି ସାଁରାପଶି ଠାରେ ବେଆଇନ ଭାବେ ଜଣେ ବ୍ୟକ୍ତି ଗ୍ୟାସ ସିଲିଣ୍ଡର ଗୋଦାମ ଓ ବିତରଣ କରୁଥିବା ନେଇ ମହାନ୍ତ ଅଭିଯୋଗରେ ଦର୍ଶାଇ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

### ୩ଦିନ ଧରି ଚାଲିବ ନଛିପୁର ହାଇସ୍କୁଲ ରଜତ ଜୟନ୍ତୀ

ଖଇରା,୫ା୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ପଞ୍ଚାୟତ ଅଧୀନ ନଛିପୁର ହାଇସ୍କୁଲର ରଜତ ଜୟନ୍ତୀ ଉତ୍ସବ ଆସନ୍ତା ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବ। ପ୍ରସ୍ତୁତି ବୈଠକ ପରେ ପରିଚାଳନା କମିଟିର ସଭାପତି ଭରତ ଚନ୍ଦ୍ର ପଣ୍ଡାଙ୍କ ତରଫରୁ ଉତ୍ସବ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରାଯାଇଛି । ୧୦ ଓ ୧୧ ତାରିଖ ଦୁଇ ଦିନ ଧରି ବ୍ଲକସ୍ତରୀୟ କ୍ରୀଡ଼ା, ବକ୍ତୃତା ଓ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୨ ତାରିଖ ପୂର୍ବାହ୍ନରେ ବିଜ୍ଞାନ ମେଳା ଓ ଅପରାହ୍ନରେ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହେବ। ୧୩ ତାରିଖ ଦ୍ୱିତୀୟ ଦିବସ ପୂର୍ବାହ୍ନରେ ନାରୀ ଶିକ୍ଷା ଓ ସମାଜରେ ଏହାର ପ୍ରଭାବ ବିଷୟ ଉପରେ ଏକ ସେମିନାର ଆୟୋଜିତ ହେବ। ୧୪ ତାରିଖ ଉଦଯାପନୀ ଦିବସ ପ୍ରଥମାର୍ଦ୍ଧରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ସମୃଦ୍ଧିରେ ଖଇରାର ଐତିହାସିକ ଘଟଣାବଳିର ଅବଦାନ ଉପରେ ଏକ ସେମିନାର ଅନୁଷ୍ଠିତ ହେବ। ଅପରାହ୍ନରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ମନ୍ତ୍ରୀ ପରିଷଦର ବହୁ ମନ୍ତ୍ରୀ ଯୋଗ ଦେବେ। ପ୍ରତ୍ୟେକ ଦିନ ସଭା ଶେଷରେ ଓଡିଶା ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ଅଛି।

### 'ସ୍ମାର୍ଟ ହେଲ୍‌ଥ କାର୍ଡ ଗରିବଙ୍କ ରକ୍ଷାକବଚ'

ବାସୁଦେବପୁର, ୫ା୧୨(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଓ ସହରାଞ୍ଚଳରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବଣ୍ଟନ ଚାଲିଥିବା ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଅନ୍ତିମ ଦିବସରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବାଣ୍ଟିଥିଲେ। ଖରିଦା ବିନାୟକପୁର, ଅରଣ୍ଡୁଆ, ବ୍ରାହ୍ମଣଗାଁ, ଆରୁହା, ବରଣ୍ଡୁଆ, ନରସିଂହପୁର ପଞ୍ଚାୟତରେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟାଯାଇଛି। ବରଣ୍ଡୁଆ ପଞ୍ଚାୟତରେ ଆୟୋଜିତ ଉତ୍ସବରେ ଏମ୍‌ପି ମଣ୍ଡଳ, ବିଧାୟକ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ମହାନ୍ତି, ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ, ପୂର୍ବତନ ସରପଞ୍ଚ ନଗେନ୍ଦ୍ର ବିଶ୍ୱାଳ, ବ୍ଲକ ଅଧକ୍ଷା ପୂର୍ଣ୍ଣମା ମଲିକ, ଜିଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ, ସମିତିସଭ୍ୟ କନକ ମଞ୍ଜରୀ ବିଶ୍ୱାଳ ପାତ୍ର, ସୁରେନ୍ଦ୍ର ପାତ୍ର, ସରପଞ୍ଚ ଦୀନବନ୍ଧୁ ଦାସ ପ୍ରମୁଖ ଯୋଗଦେଇଥିଲେ। ବ୍ରାହ୍ମଣଗାଁ ପଞ୍ଚାୟତରେ ସରପଞ୍ଚ ହରିହର ଶିଅଳ, ଅରଣ୍ଡୁଆ ସରପଞ୍ଚ ଅରୁଣ ମହାନ୍ତି, ଆରୁହା ସରପଞ୍ଚ କଳ୍ପନାରାଣୀ ସାହୁ ସଭାପତିତ୍ୱ କରିଥିଲେ।

### ପୂର୍ବତନ ଜଳେଶ୍ୱର ବାର୍ ସମ୍ପାଦକଙ୍କ ପରଲୋକ

ଜଳେଶ୍ୱର,୫ା୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ବାର୍ ଆସୋସିଏସନର ପୂର୍ବତନ ସମ୍ପାଦକ ବନବିହାରୀ ଦାସଙ୍କ ଶନିବାର ରାତି ୮ଟାରେ ପରଲୋକ ଘଟିଛି। ମରଶରୀରକୁ ଜଳେଶ୍ୱର ପୁରୁଣା କୋର୍ଟ ନିକଟରେ ବହୁ ବରିଷ୍ଠ ଆଇନଜୀବୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ରାଇବଣିଆର ଓଲମରାସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାକାର ଗ୍ରାମ୍ୟ ଶ୍ମଶାନରେ ବଡ଼ ପୁତୁରା ଦେବୁ ଦାସ ମୁଖାଗ୍ନି ସେ ଜଣେ ମିଷ୍ଟଭାଷୀ, ନିର୍ଭିକ ଆଇନଜୀବୀଭାବେ ବେଶ୍ ପରିଚିତ ଥିଲେ।

## ଦାବିପତ୍ର ଦେଲେ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ

**ବାରିପଦା ଅଫିସ,୫ା୧୨**

ମୟୂରଭଞ୍ଜ ଜିଲାରେ ଥିବା ୧୦୪ଟି ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ପକ୍ଷରୁ ୩ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାରିପଦା ସଦର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଅନୁଦାନପ୍ରାପ୍ତ ସ୍କୁଲ କର୍ମଚାରୀଙ୍କ ଭଳି ସର୍ବନିମ୍ନ ସୁବିଧା, ସେବା ସର୍ତ୍ତାବଳୀ, ଛୁଟି ନିୟମ, କ୍ୟାଡର ରୁଲ ଓ ନିୟମିତ ଅବସରକାଳୀନ ଭତ୍ତା ପ୍ରଦାନ ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେଲେ ଆସନ୍ତା ୧୩ରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେମାନେ କଡ଼ା ଚେତାବନୀ ଦେଇଛନ୍ତି। ସ୍ୱତନ୍ତ୍ର ବିଦ୍ୟାଳୟର ହେମାଙ୍ଗିନୀ ରାଉତ, ପ୍ରମୋଦ କୁମାର ଶତପଥୀ, ବିଜୟ ସାହୁ, ସୁଧାକର ପ୍ରଧାନ, ଅଭିମନ୍ୟୁ ମହାନ୍ତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କୁଳିଅଣା, ୫ା୧୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକରବାଇଗଣବାଡ଼ିଆ ସ୍ଥିତ ବି. ବି. ମହାବିଦ୍ୟାଳୟର ଗଣିତ ବିଭାଗରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟାପକ ଡ. ଯତୀନ୍ଦ୍ର ନାଥ ସିଂଦେବସଚ୍ଛାନଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଭାଗ ମୁଖ୍ୟ ପ୍ରାଧ୍ୟାପକ କେଦାର ଚନ୍ଦ୍ର ପରିଡ଼ା ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ଅଧ୍ୟାପିକା ନିବେଦିତା ମହାପାତ୍ର ଓ ଅଧ୍ୟାପକ ଅଭିଳାଷ ମହାନ୍ତି ସେମାନଙ୍କୁ ପରାମର୍ଶ ଦେଇଥିଲେ। ବିଭାଗର ୨ୟ ଓ ୩ୟ ବର୍ଷର ଛାତ୍ରୀଛାତ୍ର ନବାଗତଙ୍କୁ ସ୍ୱାଗତ ଏବଂ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶେଷବର୍ଷର ଛାତ୍ର ସିପୁନ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

## ଚତୁର୍ଥ ଚ୍ୟାଲେଞ୍ଜର୍ କପ୍ କ୍ରିକେଟ

**ଚମ୍ପୁଆ,୫ା୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ନେହେରୁ ଷ୍ଟାଡିୟମ ଠାରେ ଚତୁର୍ଥ ଚ୍ୟାଲେଞ୍ଜର କପ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ୩୨ ଗୋଟି ଦଳକୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଚମ୍ପୁଆର ବରିଷ୍ଠ ସାମ୍ବାଦିକ ପ୍ରଦିପ କୁମାର ପ୍ରଧାନ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ପ୍ରତିଯୋଗିତା ଆରମ୍ଭର ସୂଚନା ଦେଇଥିଲେ। ପ୍ରଥମ ମ୍ୟାଚ୍ ଜୁନିୟର ଷ୍ଟାର ଧଳାଡିହି(ଚମ୍ପୁଆ) ଏବଂ ଆରିୟା ଇଲେଭେନ ମୟୂରଭଞ୍ଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳକୁ ଏମ.ଡି ଆକମଲ ଓ ଏମ.ଡି ଜୱାର ଅମ୍ପାୟାର ଭାବେ ପରିଚାଳନା କରିଥିଲେ। ଉକ୍ତ ପ୍ରତିଯୋଗିତା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ଚାମ୍ପିୟନ ଦଳକୁ ୫୦ ହଜାର ସହ ଟ୍ରଫି ଏବଂ ରନର୍ସଅପ ଦଳକୁ ୩୦ ହଜାର ସହ ଟ୍ରଫି ପ୍ରଦାନ କରାଜିବ ବୋଲି କ୍ଲବ ସଭାପତି ଅରୁଣ କୁମାର ପତି ସୂଚନା ଦେଇଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା

**ଝୁମ୍ପୁରା, ୫ା୧୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅଧୀନ ବାଲିବନ୍ଧରେ କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରାଜେନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସହ ଗୋଷ୍ଠୀ ଶିକ୍ଷାଧିକାରୀ ଯଶୋମତୀ ମହାନ୍ତ ଓ ପ୍ରଫୁଲ୍ଲ କୁମାର ମହାନ୍ତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତ୍ରିଲୋଚନପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଅବସର ନେଇଥିବା ପ୍ରମିଳା ମହାନ୍ତ ଏବଂ ଶିରିଆବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଦାୟୀ ଶିକ୍ଷକ ଗୌତମ ନାଏକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ଲଷ୍ଟର ସ୍ତରୀୟ ବିଦ୍ୟାଳୟଗୁଡ଼ିକର ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷକ ସଂଘର ମିତ୍ରଭାନୁ ବାରିକ, ଅର୍ଜୁନ ଚରଣ ମହାନ୍ତ, ନିରାକାର ବେହେରା, ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଗଙ୍ଗବଂଶୀ ଷୋଳଗଡ଼




**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଓଡ଼ିଶାର ପବିତ୍ରମୟ ତୀର୍ଥଭୂଇଁ ଥିଲା କୋଣାଦିତ୍ୟ। ଏଠାରେ ବହୁ ପ୍ରାଚୀନ କାଳରୁ ସୂର୍ଯ୍ୟ ଉପାସନା ପ୍ରଚଳିତ ଥିଲା। ମନ୍ଦିର ବି ହୋଇଥିଲା। ଲାଙ୍ଗୁଳା ନରସିଂହ ଦେବ ପବିତ୍ର ତୀର୍ଥକୁ ଚଳଚଞ୍ଚଳ କରିବା ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ ଲାଗି ପଦକ୍ଷେପ ଆରମ୍ଭ କରିଥିଲେ। ଗଜପତି ଶୁଭ ମୁହୂର୍ତ୍ତରେ ସୂତ୍ରଧର ଶିବେଇ ସାନ୍ତରା (ସଦାଶିବ ସାମନ୍ତରାୟ ମହାପାତ୍ର)ଙ୍କୁ ମୁଖ୍ୟ ସ୍ଥପତି ଭାବରେ ନିଜେ ଲଙ୍କାପଡ଼ା ଶିବିରରେ ନିଯୁକ୍ତି ଦେବାପରେ ସୂତ୍ରଧର ସାତଜଣଙ୍କ ମୁଣ୍ଡରେ ପଗଡ଼ି ବାନ୍ଧି ଦାୟିତ୍ୱ ଅର୍ପଣ କରିଥିଲେ।

୧. କାର୍ଯ୍ୟକାରୀ ସ୍ଥପତି ବା କର୍ମକାର ଭାବରେ ଗଦାଧର ମହାରଣା, ୨. ଜଣେ ପରିଛା ବା ନିରୀକ୍ଷକ, ୩. ମୂର୍ତ୍ତିକାର ମହାରଣା ବିଦ୍ୟାଧର ମହାପାତ୍ର, ୪. ପଥର ସୁଆଁସିଆ (ପଥର ସ୍ଥପତି ବା ପଥୁରିଆ) ଭାବରେ ଅଇଁଠା ମହାରଣାଙ୍କୁ ମୁଖ୍ୟ ଭାବରେ ପଗଡ଼ି ବାନ୍ଧି ସ୍ୱୀକୃତି ଦେବା ପରେ, ୫. ଲେପ କାର୍ଯ୍ୟ (ଚୁନରା) ଲାଗି ବିନ୍ଦୁ ମହାରଣା, ୬. ଫାଶୀକାଠ ନିର୍ମାଣ ପାଇଁ ରାଜୀବ ମହାରଣା ଓ ୭. କମାର କଣ୍ଟା ସକାଶେ ପୁରିଆ ମହାପାତ୍ରଙ୍କୁ ସ୍ୱୀକୃତି ଦେଇଥିଲେ। ଏମାନେ କେହି ବି ବାହାରିଆ ଶିଳ୍ପୀ ନ ଥିଲେ।

ଗଜପତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ଶିବେଇ ସାମନ୍ତରା ସମାପ୍ତ କରିବା ପରେ ନିଜେ ଗଜପତି ରୂପାସ-ଗଡ଼ର ଦଳବେହେରାଙ୍କୁ ଶିବିର ପରିଚାଳନା ଦାୟିତ୍ୱ ଦେଇଥିଲେ। ତତ୍‌ସହିତ ଆର୍ଥିକ ଦିଗ ତଥା ହିସାବ କାର୍ଯ୍ୟ ପାଇଁ କିଲ୍ଲା ବଇଆଳିଶିବାଟୀର ହରିଚନ୍ଦନ ଭ୍ରମରବରଙ୍କୁ ଦାୟିତ୍ୱ ଦେଇଥିଲେ। ସ୍ମରଣଯୋଗ୍ୟ ଯେ, ରୂପାସ-ଗଡ଼ ସେତେବେଳେ 'ବିଶେ'ର ମାନ୍ୟତା ପାଇଥିଲା। 'ବିଶେ' କହିଲେ ଶାସନ ଦୃଷ୍ଟିରୁ ବର୍ତ୍ତମାନର 'ଜିଲା' ବୋଲି ଆମେ ବୁଝିବା। କାରଣ ବାଙ୍ଗୁରିଗାଁର ଜଗନ୍ନାଥ ସାହୁ ଓ କରୁଣାକର ସାହୁଙ୍କଠାରୁ ମିଳିଥିବା 'ସୂର୍ଯ୍ୟମନ୍ଦିରର ସ୍ଥାପତ୍ୟ କଳା' ପୋଥିରେ ସ୍ପଷ୍ଟ ଭାବରେ ଲେଖାଯାଇଛି– 'ରୂପାସ-ଗଡ଼ ଜିଲାର ପଦ୍ମତୋଳା କ୍ଷେତ୍ରରେ ମନ୍ଦିର ନିର୍ମାଣ ହେଲା।'' ଏହି ପୋଥିଟି ଓଡ଼ିଆ କରଣୀଅକ୍ଷରରେ ଲେଖାଯାଇଛି। ମିଳିଥିଲା ଭୋଇବଂଶର ଗଜପତି ପୁରୁଷୋତ୍ତମଦେବଙ୍କ ସମୟରେ। ଏଥିରେ ଶ୍ରୀପଦ୍ମକେଶର ମନ୍ଦିରର ସମ୍ପୂର୍ଣ୍ଣ ନକ୍ସା ସ୍ଥାନ ପାଇଛି। ଭିତର କାନ୍ଥରୁ ଭିତର କାନ୍ଥ, ବାହାରପଟ ଅଞ୍ଚଳ ଓ ରଥ ଦେଉଳର ମାପ ସ୍ପଷ୍ଟ ଭାବରେ ହିସାବ ହୋଇଛି।

### ରୂପାସ-ଗଡ଼ ପାଇଥିଲା ଜିଲାର ମାନ୍ୟତା



ପଥରବୁହା ନଦୀରୁ ଉଦ୍ଧାର ହୋଇଥିବା ଗଡ଼ରୂପାସରେ ପୂଜିତ ଶ୍ରୀହନୁମାନ। ଗଡ଼ନାୟକଙ୍କ ଖଣ୍ଡା(ଇନ୍‌ସେଟ୍)।

ପୂର୍ବରୁ କିଲ୍ଲା ବଇଆଳିଶିବାଟୀର ସୂଚନା ଏବଂ ସେଠାରେ ଥିବା ଶ୍ରୀଗଙ୍ଗେଶ୍ୱରୀ ମନ୍ଦିର ତଥା ପଥରବୁହା ନଦୀର ସୂଚନା ଆମେ ଦେଇଥିଲୁ। କୋଣାର୍କ ଅଞ୍ଚଳରେ ୧୬ଟି ଗଡ଼ ପ୍ରଥମେ ଗଙ୍ଗବଂଶ ଶାସନ ସମୟରେ ପ୍ରତିଷ୍ଠା ହୋଇଥିବାରୁ ଏହି ଗଡ଼ଗୁଡ଼ିକୁ ଆଜି ବି 'ଗଙ୍ଗବଂଶୀ' ଗଡ଼ କୁହାଯାଉଛି। ଷୋହଳଗଡ଼ ମଧ୍ୟରେ ରୂପାସ-ଗଡ଼ ଅନଙ୍ଗ ଭୀମଦେବଙ୍କ ଶାସନ କାଳରେ ପ୍ରତିଷ୍ଠା ହୋଇଥିଲା। ତତ୍କାଳୀନ ସମୟରେ ବିଶେ (ଜିଲା)ର ମାନ୍ୟତା ପାଇଥିବା ଏହି ଗଡ଼ର ପରିସର ଭିତରେ ରହିଥିଲା ପଦ୍ମତୋଳା କ୍ଷେତ୍ର। ବର୍ତ୍ତମାନ ଗଡ଼ର ମୁଖିଆଙ୍କ ଘରକୁ ଗଡ଼ନାୟକଙ୍କ ଖୁଆଡ଼ ବୋଲି ଚିହ୍ନିତ କରାଯାଉଛି। ପୋଥିରେ 'ଦଳବେହେରା' ଶବ୍ଦ ଅଛି। ଏହି ଗଡ଼ର ଦଳବେହେରା ମହାରଣାମାନେ ରହୁଥିବା ଶିବିରର ପରିଚାଳନା ଦାୟିତ୍ୱରେ ରହିଥିଲେ। ଗଡ଼ର ନାମକରଣକୁ ନେଇ ଏକାଧିକ ଐତିହ୍ୟ ଅଛି। ଗଡ଼ର ଉପାସକ ଥିଲେ ଦେବୀ କନକଦୁର୍ଗା। ପୂର୍ବଦିଗରେ ଦେବୀ ତାରାଙ୍କ ନିକଟରେ ଶତାଧିକ ମହାରଣା ପ୍ରସ୍ତାବିତ ଶିବିରରେ ରହୁଥିଲେ। ସଭିଏଁ ଶିବିରରୁ ପଦ୍ମତୋଳା କ୍ଷେତ୍ରକୁ ବାହାରିଲେ ଦେବୀ କନକଦୁର୍ଗା ଓ ଭୈରବୀଙ୍କ ଶରଣାଗତ ହୋଇ ବଡ଼େଇଗୋହିରୀ ଦେଇ ଯାଉଥିଲେ। ଗଡ଼ର ଖଣ୍ଡାଘରେ ଦଳବେହେରା, ପାତ୍ର ଓ ପାଇକମାନଙ୍କର ଖଣ୍ଡା ଓ ଅନ୍ୟାନ୍ୟ ଯୁଦ୍ଧଅସ୍ତ୍ର ରହୁଥିଲା। ଇଂରେଜଙ୍କ ସହିତ ୧୮୦୪ ମସିହାରେ ହୋଇଥିବା ଯୁଦ୍ଧରେ ଗଡ଼ର ବୀରମାନେ ଯୋଗ ଦେଇଥିଲେ। ଜୟୀରାଜଗୁରୁ ପାଇକମେଳି କଲାବେଳେ ଏହି ଗଡ଼କୁ ଆସି ଦଳବେହେରାଙ୍କୁ ଭେଟିଥିଲେ। ଲୋକଗୀତ, ଲୋକ କଥାରେ ଜୟୀ ରାଜଗୁରୁଙ୍କୁ ନେଇ ଅନେକ ଐତିହ୍ୟ ଗଡ଼ରେ ଆଜି ବି ବଞ୍ଚିଛି।

